**ନିରାକାରପୁର କଲେଜର ପ୍ରିୟଙ୍କା ଟପ୍ପର**

ନିରାକାରପୁର(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ସର୍ବପୁରାତନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ଯୁକ୍ତ୩ରେ ରାଜନୀତି ବିଜ୍ଞାନର ଇଚ୍ଛାଧୀନ(ଅନର୍ସ)ରେ ପ୍ରିୟଙ୍କା ମହାପାତ୍ର ସର୍ବାଧିକ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସମୁଦାୟ ୨୬୦୦ ନମ୍ବର ମଧ୍ୟରୁ ୧୮୧୫ ଓ ୬୯% ହାର ରଖିଛନ୍ତି। ଏଥର କଲେଜରେ ମୋଟର ୬୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

## ସଂକ୍ଷେପରେ

### ଡକାୟତି ଯୋଜନା: ୫ ଗିରଫ

**ପୁରୀ ଅଫିସ, ୪।୧୧:** ବଳିଆପଣ୍ଡା ଥାନା ପୋଲିସ ଡକାୟତି ଯୋଜନା ପଣ୍ଡ କରିବା ସହ ୫ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ ଖଣ୍ଡା ଏବଂ ବୋମା ଜବତ କରାଯାଇଛି। ମଙ୍ଗଳବାର ରାତିରେ ବଳିଆପଣ୍ଡା ପୋଲିସ ରାତ୍ର ପାଟ୍ରୋଲିଂ କରୁଥିଲା। ଏହି ସମୟରେ ରାଘବ ମହାରାଜା ଲେନ୍‌ର ଏକ ନିର୍ମାଣାଧୀନ କୋଠା ପଛପଟେ କେତେଜଣ ଯୁବକ ଏକାଠି ବସି ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ପୋଲିସ ସେଠାରୁ ଚଢ଼ାଉ କରି ୫ ଜଣଙ୍କୁ କାବୁ କରିଥିଲା। ସେମାନେ ହେଲେ ବିଜୟ କୁମାର ପ୍ରଧାନ, ଦିଲୀପ ସିଂ, ସୁକାନ୍ତ ସାହୁ, ମୁସ୍ତାଫା ଖାନ୍ ଓ ପଦ୍ମଚରଣ ପ୍ରଧାନ। ଏ ନେଇ ଏକ ମାମଲା (ନଂ.୧୪୦/୨୦) ରୁଜୁ କରାଯାଇଛି।

### ଆର୍‌ଆଇ ଅଫିସ ଝରକା ଭାଙ୍ଗି ଜଣେ ଗିରଫ

**ପୁରୀ ଅଫିସ,୪।୧୧:** ପ୍ରତାପ ପୁରୁଷୋତ୍ତମପୁର ଆର୍‌ଆଇ ଅଫିସ କାଚ ଭାଙ୍ଗିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ନକୁଆପଡ଼ାର ଲକ୍ଷ୍ମୀଧର ପାତ୍ରଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଲକ୍ଷ୍ମୀଧର ଆର୍‌ଆଇ ଅଫିସରେ ପହଞ୍ଚି ଏକ କାଚ ଝରକା ଭାଙ୍ଗିଥିଲେ। ଆର୍‌ଆଇ କଳ୍ପନା ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୬୪/୨୦)ରୁଜୁ କରିଥିଲା।

### ନିମାପଡ଼ାରୁ ଅପହୃତା ନାବାଳିକା ଗଞ୍ଜାମରୁ ଉଦ୍ଧାର

**ନିମାପଡ଼ା,୪।୧୧(ଡି.ଏନ୍.ଏ.):** ମିଥ୍ୟା ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିବା ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା(୧୪)ଙ୍କୁ ନିମାପଡ଼ା ପୋଲିସ ବୁଧବାର ଗଞ୍ଜାମ ଜିଲାରୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ସଦର ଥାନା ଅଧୀନ ଗୋଠବନ୍ଧ ଗ୍ରାମର ସଞ୍ଜୟ ଭୂୟାଁ। ଏହାସହ ଉଭୟଙ୍କୁ ଡାକ୍ତରୀମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଇଛି। ଗତ ୨୫ତାରିଖରେ ନାବାଳିକାଙ୍କୁ ସଞ୍ଜୟ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ୨୬ତାରିଖରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୩୬ /୨୦ରେ ମାମଲା ରୁଜୁ କରିଥିଲା। ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସଞ୍ଜୟଙ୍କ ଗ୍ରାମରେ ବୁଧବାର ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

### ୭ ଜଣଙ୍କୁ ନୋଟିସ, ୩ ଦେଲେ ଜରିମାନା

**ପୁରୀ ଅଫିସ, ୪।୧୧:** 'ମୋ ଧାମ, ମୋ ଗର୍ବ' ଅଭିଯାନ ଅଧୀନରେ ଚାଲିଥିବା ସଫେଇ କାର୍ଯ୍ୟକ୍ରମକୁ ପ୍ରଶାସନ ଜୋର୍‌ଦାର କରିଛି। ଗୁରୁବାର ରାତି ୩ଟାରୁ ସହରର ମୁଖ୍ୟ ଗଳିଗୁଡ଼ିକରୁ ରାତ୍ର ସଫେଇ ଆରମ୍ଭ କରାଯାଉଛି। ୬ ଓ ୭ ତାରିଖରେ ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଗାଡ଼ି ପ୍ରତି ଗଳିକନ୍ଦିରେ ଚାଲିବ। ପ୍ରତ୍ୟେକ ବ୍ୟକ୍ତି ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଦସ୍ତଖତ ଅଭିଯାନରେ ସାମିଲ ହେବାକୁ ପ୍ରଶାସନ ଅନୁରୋଧ କରିଛି। ବୁଧବାର ଜିଲାପାଳ ବଲଓ୍ୱନ୍ତ ସିଂ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଏହାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ବୁଧବାର ବିଭିନ୍ନ ୱାର୍ଡରୁ ଟ୍ରାକ୍ଟର ଯୋଗେ ୬୩ ଟ୍ରିପ୍ ଆବର୍ଜନା ସଂଗ୍ରହ କରାଯାଇଛି। ରାସ୍ତାକଡ଼ରେ ନିର୍ମାଣ ସାମଗ୍ରୀ, ଆବର୍ଜନା ରଖି ଅବରୋଧ କରିବା ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଉଲ୍ଲଂଘନ କରିଥିବାରୁ ୪୭ ଜଣଙ୍କୁ ନୋଟିସ କରାଯାଇଛି। ୩ଜଣଙ୍କଠାରୁ ୯୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଦିନକରେ ବିଭିନ୍ନ ୱାର୍ଡରୁ ୫.୮ କିମି ପରିସରରୁ ଅନାବନା ଗଛ କଟାଯାଇ ସଫା କରାଯାଇଛି। ଏଥିସହ ସ୍ୱଚ୍ଛତା ଉପରେ ଜନସଚେତନତା ସୃଷ୍ଟି ଲାଗି ସହରର ବିଭିନ୍ନ ସ୍ଥାନରେ ପେଣ୍ଟିଂ କରାଯାଉଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସନ ଅଜୟ ଜେନା, ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରଶାନ୍ତ ପଟ୍ଟନାୟକ, ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'ଅତିଥି ସେବାରେ ଅବହେଳା କରନି'

**ହୋଟେଲିୟର, ଟୁର୍ ଅପରେଟରଙ୍କୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ**

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

କରୋନା ମହାମାରୀ ପରିସ୍ଥିତି ଧୀରେ ଧୀରେ ସୁଧୁରୁଥିବାବେଳେ ପର୍ଯ୍ୟଟନ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଭଳି ସ୍ଥଳେ ହୋଟେଲ, ରେଷ୍ଟୁରାଣ୍ଟ, ହସ୍ପିଟାଲିଟି ଏବଂ ଟୁରିଜମ୍ ଶିଳ୍ପ 'ନ୍ୟୁ ନର୍ମାଲ' ବା ନୂଆ ସାଧାରଣ ସ୍ଥିତିର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟକୁ ଆସୁଥିବା ଅତିଥି ତଥା ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାସହ ସେମାନେ ଯେପରି କୌଣସି ପ୍ରକାର ଅସୁବିଧାରେ ନ ପଡ଼ନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ହୋଟେଲ ଓ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ବୁଧବାର ଲୋକସେବା ଭବନରେ ହୋଟେଲିୟର, ଟୁର୍ ଅପରେଟର ଏବଂ ଟୁରିଜମ୍ ଶିଳ୍ପ ସହ ଜଡ଼ିତ ଷ୍ଟେକ୍‌ହୋଲ୍ଡରଙ୍କୁ ନେଇ ଆୟୋଜିତ ରାଜ୍ୟସ୍ତରୀୟ କର୍ମଶାଳାରେ ତ୍ରିପାଠୀ କହିଲେ, ରାଜ୍ୟକୁ ଆସୁଥିବା ଅତିଥିମାନେ ଓଡ଼ିଶା ପର୍ଯ୍ୟଟନ ପାଇଁ ବ୍ରାଣ୍ଡ୍ ଆମ୍ବାସାଡର। ଓଡ଼ିଶାରୁ ଭଲ ଅନୁଭୂତି ନେଇ ଫେରିଲେ ସେମାନେ ରାଜ୍ୟ ପର୍ଯ୍ୟଟନ ପାଇଁ ବ୍ରାଣ୍ଡ୍ ଆମ୍ବାସାଡର ଭଳି କାର୍ଯ୍ୟ କରିବେ। ତେଣୁ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ, ପରିମଳ ଓ ସୁରକ୍ଷା ଆଦି ଦିଗରେ ହେଳା ନ କରିବାକୁ କହିଥିଲେ।

କରୋନା ମହାମାରୀ ସମୟରେ ପର୍ଯ୍ୟଟନ ଓ ହସ୍ପିଟାଲିଟି ଶିଳ୍ପ ସର୍ବାଧିକ ପ୍ରଭାବିତ ହୋଇଛି। ଏଭଳି କଠିନ ସମୟରୁ ବାହାରି ପର୍ଯ୍ୟଟନକୁ ଏକ ନୂଆ ଦିଶା ଦେବାକୁ ଓଡ଼ିଶାରେ ସମସ୍ତ ପ୍ରକାର ସମ୍ବଳ ରହିଛି। ରାଜ୍ୟର ୩୯% ଅଞ୍ଚଳ ଆଚ୍ଛାଦିତ ଜଙ୍ଗଲ, ୧୯ ଅଭୟାରଣ୍ୟ, ଗୋଟିଏ ଜାତୀୟ ଉଦ୍ୟାନ, ଦୁଇ ବ୍ୟାଘ୍ର ଅଭୟାରଣ୍ୟ, ବୃହତ୍ତମ ହ୍ରଦ, ବିରଳ ଇରାୱାଡ଼ି ଡଲ୍‌ଫିନ୍, ଚିଲିକାର ବିଦେଶାଗତ ପକ୍ଷୀ ଏବଂ ବିସ୍ତୃତ ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାର ପ୍ରଚାର ପ୍ରସାର ମାଧ୍ୟମରେ ବାହାର ରାଜ୍ୟରୁ ଯେପରି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିହେବ ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।

ହୋଟେଲ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ତଥା ହୋଟେଲିୟର ଜେ.କେ. ମହାନ୍ତି କହିଲେ, ଏଭଳି କର୍ମଶାଳା ଆୟୋଜନ କରିବାରେ ଓଡ଼ିଶା ଦେଶରେ ପ୍ରଥମ। ହୋଟେଲିୟର ଓ ରେଷ୍ଟୁରାଣ୍ଟ ମାଲିକମାନେ କୋଭିଡ୍-୧୯ ନିୟମାବଳୀର କଡ଼ାକଡ଼ି ପାଳନ କରିବା ସହ ସ୍ୱଚ୍ଛତା ସାନିଟେଶନକୁ ବଜାୟ ରଖିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପର୍ଯ୍ୟଟନ ବିଭାଗ ଓ ଆଇଆଇଟିଟିଏମ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ୪ଟି ଅଧିବେଶନ ରହିଥିଲା। ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ ସ୍ୱାଗତ ଭାଷଣ ଦେଇଥିବାବେଳେ ସଚିବ ବିଶାଲ ଦେବ ଘରୋଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ପର୍ଯ୍ୟଟନ ବିଭାଗ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ହାଉସ୍‌ବୋଟ୍, ରିଭର କ୍ରୁଜ୍ ସହ ରୋଡ୍ ଟୁରିଜମ୍‌କୁ ପ୍ରମୋଟ କରିବାକୁ ଭିତ୍ତିଭୂମି ବିକାଶ ହେଉଥିବା ସେ କହିଥିଲେ। କୋଣାର୍କ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ ଓ ସାତକୋଶିଆରେ ଏଥର ଇକୋ-ରିଟ୍ରିଟ୍ ଆୟୋଜନ ନେଇ ସେ ସୂଚନା ଦେଇଥିଲେ। ଆଇଆଇଟିଟିଏମ୍‌ର ଡ. ସବିର୍ ହୁସେନ୍, ଦେବାଶିଷ ପଟ୍ଟନାୟକ, ସାରଦା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀମନ୍ଦିର ନିକଟରେ ଖୋଲାଯାଇଥିବା ବ୍ୟାରିକେଡ୍‌ରେ ଲୋକମାନେ ପତିତପାବନଙ୍କୁ ଦର୍ଶନ କରୁଛନ୍ତି।



କୈବଲ୍ୟ ରଥ ଶୁଭାରମ୍ଭ ଅବସରରେ ଜିଲାପାଳଙ୍କ ସହ ଅନ୍ୟମାନେ।

## ପୁରୀରେ ଗଡ଼ିଲା କୈବଲ୍ୟ ରଥ

- ଲାଗି ଫୁଲ, ତୁଳସୀ, ବ୍ୟବହୃତ ଅବଢ଼ା କୁଡ଼ୁଆ ନେବ
- କୋଠ ଭୋଗଖିଆ ଭଜନରୁ ମିଳିବ ଗାଡ଼ି ଆସିବାର ସୂଚନା

**ପୁରୀ ଅଫିସ, ୪।୧୧**

୨୦୨୧ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀକୁ ୧ ନମ୍ବର ସ୍ଥାନରେ ରଖିବା ପାଇଁ ଜନସଚେତନତା ଲାଗି 'ମୋ ଧାମ, ମୋ ଗର୍ବ' ଅଭିଯାନ ଚାଲିଛି। ଏହି କାର୍ଯ୍ୟକ୍ରମରେ ଲୋକେ ପ୍ରତିଦିନ ଯେପରି ନିଜ ଘରର ଆବର୍ଜନାକୁ ପୃଥକୀକରଣ କରି ସ୍ୱଚ୍ଛ ସବାରି ଗାଡ଼ିରେ ଦେବେ ଏବଂ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟହ ଶ୍ରୀମନ୍ଦିର ଏବଂ ବିଭିନ୍ନ ମଠ ମନ୍ଦିରରୁ ବାହାରୁଥିବା ଠାକୁରଙ୍କଲାଗି ଫୁଲ, ତୁଳସୀ, ଦୀପ, ଧୂପକାଠି, ବ୍ୟବହୃତ ଅବଢ଼ା କୁଡୁଆ ଆଦି ପୂଜା ସାମଗ୍ରୀକୁ ସୁବ୍ୟବସ୍ଥିତ ଭାବେ ଘରୁ ସଂଗ୍ରହ କରିବା ନିମନ୍ତେ ବୁଧବାର କୈବଲ୍ୟ ରଥର ଶୁଭାରମ୍ଭ ହୋଇଛି। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ଜିଲାପାଳ ବଲଓ୍ୱନ୍ତ ସିଂ ଏହି ରଥର ଶୁଭାରମ୍ଭ କରିଛନ୍ତି।

ଜିଲାପାଳ କହିଛନ୍ତି, ଠାକୁରଙ୍କ ଲାଗି ଫୁଲ, ତୁଳସୀ, ବ୍ୟବହୃତ ଅବଢା କୁଡୁଆ ଆଦିକୁ ଲୋକେ ସ୍ୱଚ୍ଛ ସବାରିରେ ଦେବାକୁ ଉଚିତ ମଣୁନାହାନ୍ତି। ଅନେକ ଲୋକ ଏହାକୁ ଘର ସମ୍ମୁଖରେ ପକାଉଛନ୍ତି। ଏଥିପାଇଁ ବ୍ୟାଟେରିଚାଳିତ ଗାଡ଼ି କୈବଲ୍ୟ ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ମଣିକର୍ଣ୍ଣିକା ସାହି, ହରଚଣ୍ଡୀ ସାହି, ଗୌଡ଼ବାଡ ସାହି, ଜମେଶ୍ୱର, ଗରାକୂଅ ଲେନ୍, ଢିପ ଜାଗା, ମହାସୁଆର ସାହୀ, ଶୀତଳପିଣ୍ଡା, ଗୋଚ୍ଛିକାର ସାହି, ପଣାପ୍ରିୟା ଲେନ୍, ବିମାନବଡୁ ସାହି ଆଦି ଅଞ୍ଚଳର ଘରଗୁଡ଼ିକରୁ ଉପରୋକ୍ତ ସାମଗ୍ରୀ ସଂଗ୍ରହ କରିବ। ଏହାକୁ ସସମ୍ମାନ ସହ ମୁଦୁଲି ଜାଗା ପଛପାର୍ଶ୍ୱ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯିବ। ପ୍ରତିଦିନ ସକାଳ ୯ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଏହି ଗାଡ଼ି ଚାଲିବ। ଭଜନ ସମ୍ରାଟ ଭିକାରୀ ବଳଙ୍କ କୋଠଭୋଗଖିଆ ଭଜନ ଏହି ରଥରେ ବାଜିବ, ଯାହାଦ୍ୱାରା ଉପରୋକ୍ତ ସାମଗ୍ରୀ ସଂଗ୍ରହ ନିମନ୍ତେ ଗାଡ଼ି ଆସିବାର ସୂଚନା ମିଳିବ। ଏହି ଅବସରରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କରୋନା: ଏସ୍‌ସିବିରେ ତାଲିମ ନେଲେ ୨୦୦ ଡାକ୍ତର

**କଟକ ଅଫିସ,୪।୧୧:** କରୋନା ଆକ୍ରାନ୍ତଙ୍କ ଚିକିତ୍ସା ସମ୍ପର୍କରେ ଏସ୍‌ସିବି କୋଭିଡ୍ ହସ୍ପିଟାଲରେ ଏକ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ଜଣ ଡାକ୍ତରଙ୍କୁ ତାଲିମ ଦିଆଯାଇଥିଲା। ଏହାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରିଥିଲେ। ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଦଣ୍ଡେଶ୍ୱର ହୋତା, ଅଧୀକ୍ଷକ ପ୍ରଫେସର ଲୁସି ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମେଡ଼ିସିନ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଗୁରୁତର ରୋଗୀଙ୍କ ଚିକିତ୍ସା, ଅକ୍ସିଜେନ ଥେରାପି ଭଳି ବିଭିନ୍ନ ଚିକିତ୍ସା ସମ୍ବନ୍ଧରେ ପ୍ରଫେସର ନିବେଦିତା ପାଣି, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ମୁଖ୍ୟ ପ୍ରଫେସର ତୁଷାର କର, ଡା. ପି. କେ. ଥାଟୋଇଙ୍କ ସମେତ ବିଶେଷଜ୍ଞମାନେ ଡାକ୍ତରଙ୍କୁ ତାଲିମ ଦେଇଥିଲେ।

### ଯୁବକଙ୍କ ମୃତଦେହ ଉଦ୍ଧାର

**ପିପିଲି,୪।୧୧(ସ୍ୱ.ପ୍ର.):** ପିପିଲି ଥାନା ପୋପରଙ୍ଗା ବାଲିକଦା ଗ୍ରାମର ଦୟାନଦୀ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ସୁମକାନ୍ତ ମହାନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ମଧ୍ୟରାତିରେ ସୁମକାନ୍ତ ଘରୁ ବାହାରି କେଉଁଆଡେ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ତେବେ ବୁଧବାର ମଧ୍ୟାହ୍ନରେ ଗ୍ରାମର ୩ଜଣ ମହିଳା କାଠ ଆଣିବାକୁ ନଦୀ ନିକଟକୁ ଯାଇଥିବାବେଳେ ଏକ ବରଗଛରେ ସୁମକାନ୍ତ ବେକରେ ରଶି ଲଗାଇ ଝୁଲୁଥିବା ଦେଖି ତାଙ୍କ ପରିବାରଙ୍କୁ ଜଣାଇଥିଲେ। ଖବରପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଖୁବ୍‌ଶୀଘ୍ର ଜମିଜମା ସମସ୍ୟାର ସମାଧାନ

**ପୁରୀ ଅଫିସ,୪।୧୧**

ମହାପ୍ରଭୁଙ୍କ ଜମି ବିକ୍ରି ପାଇଁ ଥିବା ୟୁନିଫର୍ମ ପଲିସି(ସମାନ ନୀତି)ର ସରଳୀକରଣ ହେବ। ପୁରୀବାସୀଙ୍କ ଜମିଜମା ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବ। ଯେଉଁସବୁ ଆବେଦନ ରହିଛି ତାହାକୁ ପର୍ଯ୍ୟାୟକ୍ରମେ ଶେଷ କରିବା ଲାଗି ବୁଧବାର ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ଶ୍ରୀମନ୍ଦିର ଲ୍ୟାଣ୍ଡ ସବ୍ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନଭେମ୍ବର ଓ ଡିସେମ୍ବରରେ ୫୦ ଲେଖାଏ ଏବଂ ଆସନ୍ତା ଜାନୁୟାରୀଠାରୁ ୬ମାସ ମଧ୍ୟରେ ସବୁ ଆବେଦନର କିପରି ଫଇସଲା କରାଯିବ ତାହା ଉପରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଗୁରୁତ୍ୱ ଦେଇଛନ୍ତି।

ମହାପ୍ରଭୁଙ୍କ ଜମି ବିକ୍ରି ଲାଗି ୟୁନିଫର୍ମ ପଲିସି-୨୦୦୩ ରହିଛି। ୨୦୧୮ ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ପରିଚାଳନା କମିଟିରେ ଏହି ପଲିସିରେ କେତେକ ସଂଶୋଧନ କରାଯିବା ସହ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା। ୩୦ ବର୍ଷରୁ ଅଧିକ ସମୟ ଧରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିକୁ ଦଖଲରେ ରଖିଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏଣିକି ୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ସେହିପରି ୩୦ ବର୍ଷରୁ କମ୍ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଦଖଲରେ ରହିଥିବା ବ୍ୟକ୍ତିଙ୍କୁ ୧ ଏକର ଜମି ପାଇଁ ୪.୫ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏଣିକି ଏହାର ଦୁଇଗୁଣ ଅର୍ଥାତ୍ ୯ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ସେହିପରି ୨୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ ଅଧିକ ଦଖଲଦାରଙ୍କୁ ୭.୫ ଲକ୍ଷ ପରିବର୍ତ୍ତେ ୧୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ସମାନ ନୀତିରେ ସଂଶୋଧନ କରାଯାଇ ଏହାକୁ କମିଟି ଅନୁମୋଦନ କରି ସରକାରଙ୍କ ପାଖକୁ ପଠାଇଥିଲା। ସରକାର ଏହାକୁ ଅନୁମୋଦନ କରିଥିଲେ ବି ଏ ପର୍ଯ୍ୟନ୍ତ ଜମି ବିକ୍ରି ହୋଇନାହିଁ। ଅନ୍ୟପକ୍ଷରେ ୟୁନିଫର୍ମ ପଲିସି ସଂଶୋଧିତ ହେବା ପରେ ମୂଲ୍ୟକୁ ନେଇ ବିଭିନ୍ନ ଲୋକେ ଆପତ୍ତି ଉଠାଇଥିଲେ। କିନ୍ତୁ ସରକାର ଯାହା ଅନୁମୋଦନ କରିଛନ୍ତି ତାହାକୁ ଆଧାର କରି ଜମି ନେବା ପାଇଁ ଥିବା ଆବେଦନର ବିଚାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ୟୁନିଫର୍ମ ପଲିସିକୁ ସରଳୀକରଣ କରି ଆବେଦନଗୁଡ଼ିକର ସମାଧାନ ପାଇଁ ଚୂଡ଼ାନ୍ତ କରାଯାଇଛି।

## ଦୋକାନ ମାଲିକଙ୍କୁ ମାଡ଼ମାରି ସୁନା ଅଳଙ୍କାର ଲୁଟ୍

**ବାଲିଅନ୍ତା,୪।୧୧(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଟଳା ରୋଡର ସୁରେଖା ଭାଟିକା କମରସିଆଲ କମ୍ପ୍ଲେକ୍ସରେ ଥିବା ଏକ ଔଷଧ ଦୋକାନରେ ବୁଧବାର ଜଣେ ଦୁର୍ବୃତ୍ତ ପଶି ମାଲିକଙ୍କୁ ମାଡ଼ ମାରି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ବାଲିଅନ୍ତା ଓ ପାହାଳ ପାହାଳ ଫାଣ୍ଡି ପୋଲିସ ପହଞ୍ଚି ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ତଦନ୍ତ ଚଳାଇଛନ୍ତି। ମାଲିକ ପ୍ରସନ୍ନ ଦାସ(୭୫) ଦୋକାନରେ ବସିଥିବାବେଳେ ଜଣେ ଦୁର୍ବୃତ୍ତ ହେଲମେଟ ଓ ମାସ୍କ ପିନ୍ଧି ଭିତରକୁ ପଶିଥିଲେ। ପ୍ରସନ୍ନ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରି ପିନ୍ଧିଥିବା ସୁନାଚେନ୍ ଓ ବ୍ରେସଲେଟକୁ ଛଡ଼ାଇ ନେଇ ବାହାର ଆଡ଼ ଦୋକାନ ଶଟର ପକାଇଦେଇଥିଲେ। ବାହାରେ ଅପେକ୍ଷା କରିଥିବା ତାଙ୍କ ସହଯୋଗୀଙ୍କ ସହ ମିଶି ଫେରାର ହୋଇଯାଇଥିଲେ। ପ୍ରସନ୍ନ ଫୋନ କରି ପୁଅକୁ ଜଣାଇଥିଲେ। ପରେ ପୁଅ ପ୍ରିୟଦର୍ଶୀ ଆସି ବାପାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ।

## ବଦଳିବ ବାଇଶପାହାଚ ଦୁର୍ବଳ ପଥର

- ଅନୁଧ୍ୟାନ କଲା ଏଏସ୍‌ଆଇ ଟିମ୍
- ଲକ୍ଷ୍ମୀମନ୍ଦିରରେ ପାଣି ଗଳୁଥିବା ସ୍ଥାନ ଦେଖିଲେ

**ପୁରୀ ଅଫିସ, ୪।୧୧**

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ୫ଜଣିଆ ଟିମ୍ ବୁଧବାର ବାଇଶପାହାଚର ସ୍ଥିତି ଯାଞ୍ଚ କରିଛନ୍ତି। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ବାଇଶପାହାଚର ସବୁ ପଥରକୁ ଚିକିନିଖି ଅନୁଧ୍ୟାନ କରିଛନ୍ତି। ଦୀର୍ଘ ବର୍ଷ ଧରି ଖରା, ବର୍ଷା ଖାଇବା ଏବଂ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁଙ୍କ ଚଳପ୍ରଚଳ ଯୋଗୁ ବାଇଶପାହାଚର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ନଷ୍ଟ ହୋଇଥିବା ପଥରକୁ ବଦଳାଇବା ପାଇଁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଏଏସ୍‌ଆଇର ଦୃଷ୍ଟି ଆକର୍ଷଣ କରିଥିଲା। ଏଥିଲାଗି ଗତ ୨୭ତାରିଖରେ ଏଏସ୍‌ଆଇର ୪ଜଣିଆ ଟିମ୍ ବାଇଶପାହାଚ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ମାପଚୁପ କରିବା ସହ ଦୁର୍ବଳ ପଥର ଚିହ୍ନଟ କରିଥିଲେ। ଆବଶ୍ୟକ ପଡ଼ିଲେ ଦୁର୍ବଳ ପଥରଗୁଡ଼ିକୁ ପରିବର୍ତ୍ତନ କରାଯାଇ ନୂଆ ପଥର ଲଗାଯିବ ବୋଲି କୁହାଯାଇଥିଲା। ତେଣୁ ଏହାର ମରାମତି ପାଇଁ ଆସିଥିବା ସ୍ୱତନ୍ତ୍ର ଟିମ୍ ବୁଧବାର ପୁନଶ୍ଚ ବାଇଶପାହାଚ ବୁଲି ଦେଖିଛନ୍ତି।

ଏହି ଟିମ୍ ମହାଲକ୍ଷ୍ମୀ ମନ୍ଦିରରେ ପାଣି ଗଳୁଥିବା ସ୍ଥାନକୁ ମଧ୍ୟ ଦେଖିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିରର ୮ଟି ଦ୍ୱାର ରୁପା ଛାଉଣି ଲାଗି ନିଷ୍ପତ୍ତି ହୋଇଛି। ପ୍ରଥମେ ପରୀକ୍ଷାମୂଳକ ଭାବେ ସାତପାହାଚ ଦ୍ୱାରର ନୂଆ କବାଟ ତିଆରି କରାଯାଇ ଏହାକୁ ରୁପା ଛାଉଣି କରାଯିବ। ଏହି ଦ୍ୱାର ନିର୍ମାଣ ସମୟରେ ମନ୍ଦିରର ତଳ ଚଟାଣ ଓ ଉପରି ଭାଗରେ ପ୍ରାୟ ଏକ ଫୁଟ୍ ଡ୍ରିଲ କରି ଗାତ କରିବାକୁ ପଡ଼ିବ। ସେହିପରି କାନ୍ଥରେ କବାଟର କବ୍‌ଜା ଲାଗି ସଂଯୋଗ କରାଯିବ। ତେଣୁ ଏଥିଲାଗି ଏଏସ୍‌ଆଇର ପରାମର୍ଶ ନିଆଯାଇଥିଲା। ଏହି ଟିମ୍ ବାଇଶପାହାଚ, ଲକ୍ଷ୍ମୀମନ୍ଦିର ସମେତ ସାତପାହାଚ ଦ୍ୱାର ଅନୁଧ୍ୟାନ କରିଛି। ତେବେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗ ସହ ଆଲୋଚନା ପରେ ମରାମତି ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ଜମି ନେବ ଗେଲ୍ ଇଣ୍ଡିଆ

- ମାଳତିପାଟପୁରରେ କରିବ ଗ୍ୟାସ୍ ଡିପୋ

**ପୁରୀ ଅଫିସ,୪।୧୧**

ମାଳତିପାଟପୁରଠାରେ ଗେଲ୍ (ଗ୍ୟାସ୍ ଅଥରିଟିଅଫ୍‌ଇଣ୍ଡିଆ ଲିମିଟେଡ୍) ଇଣ୍ଡିଆର ବୃହତ୍ ଗ୍ୟାସ୍ ଡିପୋ ହେବ। ଏଥିପାଇଁ ଗେଲ୍ ଇଣ୍ଡିଆ ଶ୍ରୀମନ୍ଦିର ଜମି ନେବ। ପ୍ରଚଳିତ ମାର୍କେଟ ମୂଲ୍ୟ ଅନୁସାରେ ପ୍ରାୟ ୩ ଏକର ଜମି ବିକିବ ଶ୍ରୀମନ୍ଦିର ପ୍ରଶାସନ। ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲ୍ୟାଣ୍ଡ ସବ୍ କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ତେବେ ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ନୀଳାଦ୍ରି ଭକ୍ତନିବାସରେ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଲ୍ୟାଣ୍ଡ ସବ୍ କମିଟି ବୈଠକ ବସିଥିଲା। ଏଥିରେ ମୁଖ୍ୟତଃ ଶ୍ରୀମନ୍ଦିର ଜମିଜମା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ମାଳତୀ ପାଟପୁରଠାରେ ଥିବା ଶ୍ରୀମନ୍ଦିର ପ୍ରଶାସନର ପ୍ରାୟ ୩ ଏକର ଜମିକୁ ନେବା ଲାଗି ଜଣେ ବ୍ୟକ୍ତିଙ୍କ ସମେତ ଗେଲ୍ ଇଣ୍ଡିଆ ଆବେଦନ କରିଥିଲା। ଯେହେତୁ ଗେଲ୍ ଇଣ୍ଡିଆ ଏହି ଜମିରେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ପ୍ରକଳ୍ପ ତିଆରି କରିବ ତେଣୁ କମିଟି ସମ୍ପୃକ୍ତ ବ୍ୟକ୍ତିଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛି। ଗେଲ୍ ଇଣ୍ଡିଆକୁ ଜମି ଦେବା ଲାଗି ଏକପ୍ରକାର ସହମତି ହୋଇଛି। କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ଜମି ବିକ୍ରି ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ଗେଲ୍ ଇଣ୍ଡିଆ ଏହି ଜମି ନେଲେ ସେଠାରେ ଗ୍ୟାସ୍ ଡିପୋ ତିଆରି କରିବ। ଏହାଦ୍ୱାରା ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ଉପଭୋକ୍ତାମାନେ ଉପକୃତ ହେବେ। ଉକ୍ତ ବୈଠକରେ ଜିଲାପାଳ ବଲଓ୍ୱନ୍ତ ସିଂ, ଏସ୍‌ପି ଅଖିଳେଶ୍ୱର ସିଂ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ରାଜସ୍ୱ ଉପପ୍ରଶାସକ ସୁବ୍ରତ କୁମାର ବେହେରାଙ୍କ ସମେତ ଲ୍ୟାଣ୍ଡ ସବ୍ କମିଟି ସଦସ୍ୟ ଅନନ୍ତ ତିଆଡ଼ି, ମାଧବ ଚନ୍ଦ୍ର ମହାପାତ୍ର, ବାବା ସଚ୍ଚିଦାନନ୍ଦ ଦାସମହାରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଧରିଲା ବ୍ୟାଗେଜ ସ୍କାନର

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

ପର୍ଯ୍ୟଟକ ପରିଚୟ ଦେଇ ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରୁ ରାଜଧାନୀ ଏକ୍ସପ୍ରେସରେ ଦିଲ୍ଲୀକୁ ଚାଲାଣ ପାଇଁ ଯାଉଥିଲା ଗଞ୍ଜେଇ। ହେଲେ ଧରିଦେଲା ବ୍ୟାଗେଜ୍ ସ୍କାନର। ବୁଧବାର ଯାଞ୍ଚବେଳେ ୭ଟି ବ୍ୟାଗରୁ ୪୨ କେଜି ଗଞ୍ଜେଇ ମିଳିବା ପରେ ଭୁବନେଶ୍ୱର ରେଳ ସୁରକ୍ଷା ବାହିନୀ (ଆର୍‌ପିଏଫ୍) ଓ ଖୋର୍ଦ୍ଧାରୋଡ୍ ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚ ତାହାକୁ ଜବତ କରିଛି। ଏଥିସହ ଆନ୍ତଃ ରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ର୍‍ୟାକେଟରେ ସମ୍ପୃକ୍ତ ୨ଜଣ ବଙ୍ଗୀୟ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦିଲ୍ଲୀ ନୋଏଡାର ସେକ୍ଟର-୪୫ ବାସିନ୍ଦା ସଞ୍ଜୟ ବେନ୍, ବାସନ୍ତି ଦାସ ଓ ଉନ୍ନତି ମଣ୍ଡଳ।



**ଭୁବନେଶ୍ୱର ରେଳ ଷ୍ଟେଶନ**
- ଆନ୍ତଃ ରାଜ୍ୟ ର୍‍ୟାକେଟ ଠାବ, ଓଡ଼ିଶାରୁ ଦିଲ୍ଲୀ ଲିଙ୍କ୍
- ୪୧ କେଜି ଗଞ୍ଜେଇ ଜବତ କଲା ଆର୍‌ପିଏଫ୍
- ବଙ୍ଗୀୟ ମହିଳାଙ୍କ ସମେତ ୩ ଗିରଫ

ସୂଚନା ମୁତାବକ, କନ୍ଧମାଳ ଓ କୋରାପୁଟ ଜିଲାରେ ବ୍ୟାପକ ମାତ୍ରାରେ ଗଞ୍ଜେଇ ଚାଷ ହେଉଛି। ପରେ ବସ୍, ଟ୍ରେନ ଓ କାରରେ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ନିକଟରେ ଆର୍‌ପିଏଫ୍ ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ପରେ ଷ୍ଟେଶନର ପ୍ରବେଶ ଓ ପ୍ରସ୍ଥାନ ପଥରେ ଚେକିଂକୁ ଅଧିକ କଡାକଡି କରିଛି। ରାଜଧାନୀ ଏକ୍ସପ୍ରେସରେ ଭୁବନେଶ୍ୱରରୁ ଦିଲ୍ଲୀକୁ ଗଞ୍ଜେଇ ଚୋରା ଚାଲାଣ ନେଇ ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚ ନିକଟରେ ଗୋଇନ୍ଦା ଖବର ପହଞ୍ଚିବା ପରେ ବ୍ୟାଗେଜ ସ୍କାନର ନିକଟରେ ଆର୍‌ପିଏଫ୍ କର୍ମଚାରୀ ଉପସ୍ଥିତ ରହି ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ଏହି ସମୟରେ ୭ ବ୍ୟାଗ୍‌ରୁ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ତେବେ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ନେଉଥିବା ୨ ମହିଳା ଓ ଜଣେ ଯୁବକଙ୍କୁ ଧରି ପଚରାଉଚରା କରିବାବେଳେ ର୍‍ୟାକେଟ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ହାସଲ କରିଛି। ସେମାନେ କୋରାପୁଟରୁ ଗଞ୍ଜେଇ ଧରି ବସ୍‌ରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଟ୍ରେନ୍‌ରେ ଉତ୍ତରପ୍ରଦେଶ ସୀମାରେ ଓହ୍ଲାଇ ଦିଲ୍ଲୀରେ ପହଞ୍ଚାଇଥାନ୍ତେ।

ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ଚଳାଇଥିବା ର୍‍ୟାକେଟ ମୁଖ୍ୟ ଉଚ୍ଚ ହାରରେ ପାରିଶ୍ରମିକ ଦେଇ ଯୁବତୀ ଓ ମହିଳାଙ୍କୁ ଏଥିରେ ନିୟୋଜିତ କରୁଛନ୍ତି। ଫଳରେ ସେମାନେ ଖସି ଯାଉଛନ୍ତି। ସେମାନଙ୍କୁ ଧରିବା ପାଇଁ ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚ ଉଦ୍ୟମ ଆରମ୍ଭ କରିଛି। ଏ ନେଇ ଭୁବନେଶ୍ୱର ଜିଆର୍‌ପି ଥାନାରେ ମାମଲା ନଂ.୧୦୧/୨୦ ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ ସନ୍ତୋଷ କୁମାର ସେଠୀ କହିଛନ୍ତି, ଷ୍ଟେଶନରେ ଚେକିଂରେ ୩ ଅଭିଯୁକ୍ତ ଧରପଡିଥିଲେ। ସେମାନେ ନିଜକୁ ପର୍ଯ୍ୟଟକ ପରିଚୟ ଦେଇ ରାଜଧାନୀ ଏକ୍ସପ୍ରେସର ଏସି ବଗିରେ ଉତ୍ତର ପ୍ରଦେଶ ଯିବା ପାଇଁ ୩ଟି କନଫର୍ମ ଟିକେଟ କାଟିଥିଲେ। ହେଲେ ସେମାନଙ୍କ ହାବଭାବ ଦେଖି ସନ୍ଦେହ ଉପୁଜିଥିଲା। ବ୍ୟାଗ ଚେକିଂ ପରେ ଗଞ୍ଜେଇ ମାଫିଆଙ୍କ ପାଇଁ ଟ୍ରେନରେ ଚୋରା ଚାଲାଣ କରୁଥିବା ଜଣାପଡିଥିଲା।

## ଧାରଣାସ୍ଥଳରେ ଦଳିତ ମହାସଭା ଟିମ୍

**ଖୋର୍ଦ୍ଧା ଅଫିସ, ୪।୧୧:** ସାରୁଅସ୍ଥିତ ଓଟିଭି ଷ୍ଟୁଡିଓ ଆଗରେ ଠିକା କର୍ମଚାରୀଙ୍କ ଧାରଣା ବୁଧବାର ୪ର୍ଥ ଦିନରେ ପହଞ୍ଚିଛି। ରାଷ୍ଟ୍ରୀୟ ଦଳିତ ମହାସଭାର ରାଜ୍ୟ ସଭାପତି ଅଶୋକ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଛନ୍ତି। ଜମି ହଡ଼ପ ଅଭିଯୋଗର ତଦନ୍ତ ସହ ଏହି ଘଟଣାର ତୁରନ୍ତ ସମାଧାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ଅନ୍ୟପଟେ ଭୁବନେଶ୍ୱର ଡିଭିଜନାଲ ଶ୍ରମ କମିଶନ ଠିକା କର୍ମଚାରୀଙ୍କ ଅଭିଯୋଗ ନେଇ ୭ଦିନ ମଧ୍ୟରେ ପକ୍ଷ ରଖିବାକୁ ଓଟିଭି କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି।

# ଶ୍ୱଶୁରଙ୍କ କାରନାମା, ଜେରା ହେବେ ବିଏମ୍‌ସି ଅଫିସର

**ଭୁବନେଶ୍ୱର, (ବ୍ୟୁରୋ)/ ବାଲିଚନ୍ଦ୍ରପୁର,(ସ୍ୱ.ପ୍ର.) ୪।୧୧**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଜଣେ ବରିଷ୍ଠ ଓଏଏସ୍ ଅଫିସର ପୋଲିସ ଜେରାର ସମ୍ମୁଖୀନ ହେବେ। ଶ୍ୱଶୁର ଏପରି କାରନାମା କରିଥିବାବେଳେ ଅଫିସର ଜଣକ ତାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ପୋଲିସ ଉଭୟଙ୍କୁ ନୋଟିସ କରିଛି। ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେମାନଙ୍କୁ କୁହାଯାଇଛି। ତେବେ ଘଟଣାରେ ସମ୍ପୃକ୍ତ ଓଏଏସ୍ ଅଫିସର ଭୟରେ ଏବେ ଛୁଟିରେ ରହିବା ସହ ଫୋନ୍‌କୁ ବନ୍ଦ ରଖିଛନ୍ତି। ସୋମବାର ସମ୍ପୃକ୍ତ ଓଏଏସ୍ ଅଧିକାରୀ ଓ ତାଙ୍କ ଶ୍ୱଶୁରଙ୍କ ନାମରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ୩୦୬/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ବୁଧବାର ଏକ ଟିମ୍ ସମ୍ପୃକ୍ତ ଓଏଏସ୍ ଅଫିସରଙ୍କୁ ପ୍ରାଥମିକ ତଦନ୍ତ ଭାବେ ପଚରାଉଚରା କରିଥିବା ଜଣାପଡ଼ିଛି।

**ଭୁବନେଶ୍ୱରରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲା**

- ‘ଡାକିଲେ ଆସିବ’, ନୋଟିସ ଦେଲା ଯାଜପୁର ପୋଲିସ
- ଭୟରେ ଛୁଟି ନେଇଛନ୍ତି ଅଧିକାରୀ, ଫୋନ୍ ବନ୍ଦ

ସୂଚନାଯୋଗ୍ୟ, ନାବାଳିକା ଜଣେ ଭୁବନେଶ୍ୱରରେ ଏହି ଓଏଏସ୍ ଅଫିସରଙ୍କ ଘରେ ରହି କାମ କରୁଥିଲେ। ସରଳତାର ସୁଯୋଗ ନେଇ ଉକ୍ତ ଅଫିସରଙ୍କ ଶ୍ୱଶୁର ଉକ୍ତ ନାବାଳିକାକୁ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା’ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ବୁଧବାର ପୋକ୍‌ସୋ କୋର୍ଟର ବିଚାରପତିଙ୍କ ନିକଟରେ ସିଆର୍‌ପିସି ଧାରା-୧୬୪ ଅନୁଯାୟୀ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଏଥିସହ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବକ ସମ୍ପୃକ୍ତ ଓଏଏସ୍ ଅଫିସର ଓ ତାଙ୍କ ଶ୍ୱଶୁରଙ୍କୁ ନୋଟିସ୍ କରିଥିବାରୁ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଓଏଏସ୍ ଅଫିସରଙ୍କ ବିରୋଧରେ ନାନା ଅଭିଯୋଗ ରହିଛି। ନିଜ କାର୍ଯ୍ୟାଳୟରେ ଠିକାରେ କାମ କରୁଥିବା କେତେଜଣ ମହିଳାଙ୍କୁ ସେ ଅଶ୍ଳୀଳ ମେସେଜ୍ ପଠାଇବା ସହ କାର୍ଯ୍ୟରେ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଘଟଣା ସମ୍ପର୍କରେ ବିଏମ୍‌ସି କମିଶନରଙ୍କ ସହ ଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

### ନାବାଳିକାଙ୍କୁ ଘରେ କାମ କରାଉଥିଲେ

ଏତଲା ଅନୁସାରେ, ଗତ ଦୁଇବର୍ଷ ହେବ ନାବାଳିକା ଜଣକ ସମ୍ପୃକ୍ତ ଓଏଏସ୍ ଅଫିସରଙ୍କ ଘରେ କାମ କରୁଥିଲେ। ବ୍ରହ୍ମାନନ୍ଦ ନାମକ ଜଣେ ବ୍ୟକ୍ତି ତାଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ। ଏହା ଶିଶୁ ଶ୍ରମିକ ଆଇନ ବିରୋଧୀ ହୋଇଥିବାରୁ ଓଏଏସ୍ ଅଫିସର ଜଣକ ହରଡ଼ଘଣାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ବଳାତ୍କାର ଘଟଣାରେ ଓଏଏସ୍ ଅଫିସରଙ୍କ ସମ୍ପୃକ୍ତି ଥିବା ଅଭିଯୋଗପତ୍ରରେ ଉଲ୍ଲେଖ ଥିବାରୁ ଘଟଣାକୁ ଚପାଇଦେବାକୁ ଉଦ୍ୟମ ଚାଲିଛି। ଏଥିସହ ସମ୍ପୃକ୍ତ ଅଫିସରଙ୍କ ନାମ ମାମଲାରୁ କାଟିଦେବାକୁ ଚଞ୍ଚକତା କରାଯାଉଥିବା ଜଣାପଡିଛି। ଏପରିକି ସେ ବିଭାଗୀୟ ଉଚ୍ଚ ପଦସ୍ଥ ଅଫିସର (ଆଇଏଏସ୍)ଙ୍କୁ ଭେଟିବାକୁ ଯାଇଥିଲେ ମଧ୍ୟ ତାଙ୍କୁ ପାଖରେ ପୂରାଇ ଦିଆଯାଇ ନ ଥିବା ସୂଚନା ମିଳିଛି।

### ଭାସିଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ସାଲେପୁର, ୪।୧୧ (ଡି.ଏନ୍.ଏ.):** ସାଲେପୁର ଦେଇ ଯାଇଥିବା ୬ନଂ କେନାଲରେ ଜଣେ ଯୁବକ ମଙ୍ଗଳବାର ରାତିରେ ଭାସିଯାଇଥିଲେ। ବୁଧବାର ତାଙ୍କ ମୃତଦେହ ବ୍ଲକସ୍ଥିତ କୁସମ୍ଭୀ ପୋଲ ନିକଟରୁ ଉଦ୍ଧାର ହୋଇଛି। ସେ ହେଲେ କୁସମ୍ଭୀ ଗ୍ରାମର ସୁବ୍ରତ ଶତପଥୀ(୪୦)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୩୧/୨୦) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଯାଇଛି। ସୁବ୍ରତ କୁସମ୍ଭୀ ବଜାରରେ ଏକ ଫାଷ୍ଟ ଫୁଡ୍ ଦୋକାନ କରିଥିଲେ। ରାତିରେ ଦୋକାନ ବନ୍ଦ କରି କେନାଲକୁ ବାସନ ଧୋଇବାକୁ ଯାଇପାଣିରେ ବୁଡ଼ି ନିଖୋଜ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଓ ସାଲେପୁର ଦମକଳ ବାହିନୀ ଖୋଜାଖୋଜି କରି ପାଇ ନ ଥିଲେ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସଚିବଙ୍କୁ କୃତଜ୍ଞତା ଜଣାଇଲା ଓଏମ୍‌ଟିଏ

**ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଆକ୍ରମଣ ଘଟଣା**

**ଭୁବନେଶ୍ୱର,୪।୧୧(ବ୍ୟୁରୋ):** ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. ବୈକୁଣ୍ଠନାଥ ମହାପାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଘଟଣାର ତଦନ୍ତ ସହ ଆକ୍ରମଣରେ ସାମିଲ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ମୟୂରଭଞ୍ଜ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଓଡ଼ିଶା ମେଡିକାଲ କଲେଜ ଟିଚର୍ସ ଆସୋସିଏଶନ (ଓଏମ୍‌ଟିଏ) ପକ୍ଷରୁ ସ୍ୱାସ୍ଥ୍ୟ ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ରାଜ୍ୟରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ହେଉଥିବା ଆକ୍ରମଣକୁ ଦୃଢ ନିନ୍ଦା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ସଚିବଙ୍କ ହସ୍ତକ୍ଷେପ ଆଗାମୀ ଦିନରେ ଡାକ୍ତରଙ୍କ ମନୋବଳ ବୃଦ୍ଧି କରିବ ଏବଂ ଦାୟିତ୍ୱ ନିର୍ବାହରେ ସହଯୋଗ କରିବ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି।

### ଚଢ଼ାଉ ଭୟରେ ଔଷଧ ଦୋକାନ ବନ୍ଦ

**ଗୋପ,୪।୧୧(ଡି.ଏନ୍.ଏ.):** ଗୋପ ବଜାରରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟରଙ୍କ ବୁଧବାର ଚଢ଼ାଉ ହେବ ବୋଲି ଜଣାପଡ଼ିଥିଲା। ଏହି ଖବର ମିଳିବା ପରେ ଅଞ୍ଚଳରେ ପ୍ରାୟତଃ ଔଷଧ ଦୋକାନ ବନ୍ଦ ହୋଇଯାଇଥିଲା। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ହନ୍ତସନ୍ତ ହୋଇଥିଲେ। ଏପରି କି ଗୋପ ସହ ନିକଟ ବଜାରରେ ଥିବା ଅଧିକାଂଶ ଔଷଧ ଦୋକାନ ମଧ୍ୟ ବନ୍ଦ ହୋଇଥିଲା। ଗୋପ ବ୍ଲକ ନୟାହାଟ, ନାଗପୁର, ବେଗୁନିଆ, ପଲ୍ଲିଛକ, କୁସୁପୁର, ଗଣେଶ୍ୱରପୁର, ମଦରଙ୍ଗ,ଜାଉଳିପୋଖରୀ, ଦଳନଇ ଅଞ୍ଚଳର ଅଧିକାଂଶ ଔଷଧ ଦୋକାନର ଲାଇସେନ୍ସ ନ ଥିବାବେଳେ କେତେକ ଦୋକାନରେ ନକଲି ଔଷଧ ବିକ୍ରୟ କରାଯାଉଛି। ଏହି ଖବର ଜିଲା ଡ୍ରଗ୍ସ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟରେ ରହିଥିଲେ ମଧ୍ୟ କେବଳ ୧/୨ଥର ଚଢ଼ାଉ କରାଯାଉଛି। ବୁଧବାର ହଠାତ୍ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟବ୍ରତ ଗିରି ଗୋପ ଅଞ୍ଚଳରେ ଚଢ଼ାଉ କରିବା ନେଇ ଖବର ମିଳିବା ପରେ ବଜାରରେ ମଧ୍ୟରେ ଥିବା ଅଧିକାଂଶ ଔଷଧ ଦୋକାନରେ ତାଲା ଝୁଲିଥିଲା। ବଜାରରେ ୨୪ଟି ଔଷଧ ଦୋକାନ ରହିଥିବା ବେଳେ ମାତ୍ର ୪ଟି ଦୋକାନ ଖୋଲାଥିଲା। ଏ ନେଇ ଗୋପ ଔଷଧ ଦୋକାନୀ ସଂଘ ସଭାପତି ମହେନ୍ଦ୍ର ବେହେରାଙ୍କୁ ପଚାରିବାରେ ପ୍ରତ୍ୟେକ ଦୋକାନର ଲାଇସେନ୍ସ ଅଛି, ହେଲେ ଭୟରେ ଦୋକାନ ବନ୍ଦ କରି ଦେଇଥିବା ସେ କହିଥିଲେ।

# ଏକାମ୍ର ଉଦ୍ୟାନରୁ ଗଛ କାଟିଲେ ସତ୍ୟାଗ୍ରହ




**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ଏକାମ୍ର ଉଦ୍ୟାନକୁ ବିକ୍ରି କରିବା ପାଇଁ ରାଜ୍ୟ ସରକାର ମସୁଧା ଚଳାଇଛନ୍ତି। ରାଜ୍ୟ ସରକାର ୨୦ ଏକର ୧୯୨ ଡେସିମିଲ ସାଧାରଣ ପ୍ରଶାସନ ବିଭାଗକୁ ହସ୍ତାନ୍ତର କରିବା ନେଇ ପତ୍ର ଲେଖି ଏହି ଜମିକୁ ବ୍ୟବସାୟିକ ପ୍ରତିଷ୍ଠାନକୁ ବିକ୍ରି କରିବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି । ରାଜଧାନୀର ସବୁଜିମା ଛାତିରେ ଏକ କଂକ୍ରିଟ ଜଙ୍ଗଲର ପରିକଳ୍ପନା କରିବା ଅତ୍ୟନ୍ତ ଲଜ୍ଜା ଏବଂ ହୀନ ମାନସିକତାର ଲକ୍ଷଣ ବୋଲି ଭାଜପା ଅଭିଯୋଗ କରିଛି। ଏହା ବିରୋଧରେ ବୁଧବାର ଭାଜପା କାର୍ଯ୍ୟକର୍ତ୍ତାମାନେ ଏକାମ୍ର ଉଦ୍ୟାନ ଆଗରେ ପ୍ରତିବାଦକରି ତୁରନ୍ତ ଜମି

**ଚେତାବନୀ ଦେଲା ଭାଜପା**

ହସ୍ତାନ୍ତର ପ୍ରକ୍ରିୟାକୁ ପ୍ରତ୍ୟାହାର କରିବା ଏବଂ ନୂତନ ଜଙ୍ଗଲ ସୃଷ୍ଟି କରିବା ନେଇ ଏକ ସ୍ମାରକପତ୍ର ଉଦ୍ୟାନ ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଉଦ୍ୟାନ ପରିସରରେ ୧୦୦ ଆମ୍ବଗଛ ସହ ୮ ହଜାରରୁ ଅଧିକ ଗଛ ବଳି ପଡିବା ସୁନିଶ୍ଚିତ । ଏକାମ୍ର ଉଦ୍ୟାନରୁ ଏତେ ସଂଖ୍ୟାରେ ଗଛ କଟାଗଲେ ରାଜଧାନୀର ପରିବେଶ ଉପରେ ଏହାର ଅନେକ କୁପ୍ରଭାବ ପଡିବ। ଏହି ଜମିକୁ ହସ୍ତାନ୍ତର କରାଯିବା ପରେ ଉଦ୍ୟାନରେ କାର୍ଯ୍ୟରତ ଶ୍ରମିକ ଚାକିରି ହରାଇବେ। ବନୀକରଣକୁ ପ୍ରୋତ୍ସାହିତ କରିବାର ଉଦ୍ଦେଶ୍ୟ ନେଇ ନିର୍ମାଣ ହୋଇଥିବା ଏହି ଉଦ୍ୟାନର ଗୋଟିଏ ଗଛ କଟିଲେ ନବୀନ ନିବାସ ଆଗରେ ସତ୍ୟାଗ୍ରହ ହେବ ବୋଲି ଭାଜପା ଚେତାବନୀ ଦେଇଛି।

## ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି: ତିଗିରିଆରେ ପହଞ୍ଚିଲେ ପଦଯାତ୍ରୀ

**ତିଗିରିଆ, ୪।୧୧(ଡି.ଏନ୍.ଏ.)**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବିକରି ରାଜ୍ୟର ୩୧୪ ବ୍ଲକକୁ ପଦଯାତ୍ରା କରୁଥିବା ସଂଗ୍ରାମୀ ଯୁବକ ତିଗିରିଆରେ ପହଞ୍ଚିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲାର ସତ୍ୟବ୍ରତ ଦାସ। ସେ ରାଜ୍ୟର ବିଭିନ୍ନ ବ୍ଲକ ଗସ୍ତ କରି ବିଡିଓଙ୍କ ଜରିଆରେ ଏନେଇ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ସେ ପଦଯାତ୍ରା କରି ତିଗିରିଆର ନୂଆପାଟଣାରେ ପହଞ୍ଚିବା ପରେ କଳାପାଟ ମନ୍ଦିରରେ ଭାଗୀରଥି ନନ୍ଦ, ରବୀନ୍ଦ୍ର ଜେନା,ମହେନ୍ଦ୍ର କୁଣ୍ଡୁ, ଗୋବିନ୍ଦ ଚନ୍ଦ୍ର ସାହୁ ଓ ଦାମୋଦର ତୋଷ ପ୍ରମୁଖ ପାତ୍ରଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ସେ ପାଞ୍ଚଗାଁରେ ପହଞ୍ଚିବା ପରେ ସରୋଜ ଦାଶଙ୍କ ନେତୃତ୍ୱରେ ବହୁ ଯୁବଗୋଷ୍ଠୀ ସତ୍ୟବ୍ରତଙ୍କୁ ବ୍ଲକ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ସେଠାରେ ବିଡିଓ ଦୀପ୍ତିମୟୀ ବେହେରାଙ୍କୁ ୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ୧୦ ବର୍ଷ ପରେ ଫେରିବେ ତାରା

**ପୁରୀ ଅଫିସ,୪।୧୧**



ପରିବାରଠାରୁ କିପରି ଅଲଗା ହେଲେ ତାଙ୍କର ମନେ ନାହିଁ। ଇତିମଧ୍ୟରେ ୧୦ ବର୍ଷ ବିତିଗଲାଣି। ଝିଅ, ପୁଅ, ସମ୍ପର୍କୀୟ ସମସ୍ତଙ୍କଠାରୁ ସେ ଅଲଗା ରହିଛନ୍ତି। ଅନେକ ସମୟରେ ସେମାନଙ୍କ କଥା ମନେ ପଡ଼ିଛି, ହେଲେ ସେମାନଙ୍କ ପାଖକୁ ଫେରିଯିବାର ସୁଯୋଗ ନ ଥିଲା। ହେଲେ ଶେଷରେ ଅସହାୟର ମନ କଥା ବୁଝିପାରିଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍। ଖୋଜି ପାଇଥିଲା ତାଙ୍କ ଘର ଠିକଣା। ଏବେ ପରିବାର ମେଳକୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି ତାରା ଭଗତ। ପଶ୍ଚିମବଙ୍ଗ ଶାନ୍ତିନିକେତନ ବୋଲପୁର ହେଉଛି ତାରାଙ୍କ ଘର। ତାଙ୍କର ସ୍ୱାମୀ, ୨ପୁଅ ଓ ଝିଅ ଅଛନ୍ତି। ମାତ୍ର କୌଣସି କାରଣରୁ ପ୍ରାୟ ୧୦ ବର୍ଷ ପୂର୍ବେ ସେ ଘର ଛାଡ଼ି ଆସି ପୁରୀରେ ପହଞ୍ଚିଥିଲେ। କାରଣ କ’ଣ ତାହା ଏବେ ବି ତାରା କହିପାରୁନାହାନ୍ତି। ପରିବାର ଲୋକେ ଏ ନେଇ ଥାନାରେ ଜଣାଇବା ସହ ରେଳଷ୍ଟେଶନରେ ନିରୁଦ୍ଦିଷ୍ଟ ଫଟୋ ଲଗାଇଥିଲେ। ତାରା ପୁରୀରେ ପହଞ୍ଚିବା ପରେ ଜଣେ ବ୍ୟକ୍ତିଙ୍କ ଘରେ ପ୍ରାୟ ୫ବର୍ଷ ରହିଘର କାମ କରୁଥିଲେ। କାମ କରିବାର ଶକ୍ତି ସାମର୍ଥ୍ୟ ହରାଇବା ପରେ ସମ୍ପୃକ୍ତ ବ୍ୟକ୍ତି ୫ ବର୍ଷ ପରେ ତାଙ୍କୁ ବୃଦ୍ଧାଶ୍ରମରେ ରହିବାକୁ କହିଥିଲେ। ଫେବୃୟାରୀ ୯ରେ ହୋପ୍ ଇଜ୍ ଲାଇଫ୍‌ର ବୃଦ୍ଧାଶ୍ରମ ଆରମ୍ଭ ହେବା ପରେ ତାରା ସେଠାରେ ରହିଲେ। ଅନୁଷ୍ଠାନର ସଭାପତି ସୁରେଶ ନନ୍ଦ ଏବଂ ସମ୍ପାଦକ ଦୀନଭଞ୍ଜନ ପଣ୍ଡା ତାରାଙ୍କ ଠିକଣା ସଂଗ୍ରହ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଥିସହ ପଶ୍ଚିମବଙ୍ଗରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ପଶ୍ଚିମବଙ୍ଗର କେତେଜଣ ଖବରଦାତାଙ୍କ ସହଯୋଗରେ ତାରାଙ୍କ ପରିବାର ଠିକଣା ମିଳିଥିଲା। ତାରାଙ୍କ ପୁଅ, ଝିଅ ବୁଧବାର ହୋପ୍ ଇଜ୍ ଲାଇଫ୍ ସଭାପତି ଓ ସମ୍ପାଦକଙ୍କ ସହ କଥା ହେବା ସହ ମା’ଙ୍କୁ ଦେଖି ଖୁସି ହୋଇଥିଲେ। ତାଙ୍କ ପୁଅ ଓ ସମ୍ପର୍କୀୟ ଗୁରୁବାର ପୁରୀରେ ପହଞ୍ଚି କାଗଜପତ୍ର ଦେଖାଇ ତାରାଙ୍କୁ ସାଥୀରେ ନେବେ ବୋଲି ହୋପ୍ ଇଜ୍ ଲାଇଫ୍‌ର ସମ୍ପାଦକ ପଣ୍ଡା କହିଛନ୍ତି।

# ଆଳୁ ୪୦, ପିଆଜ ୬୦ରେ ବିକ୍ରି ନିର୍ଦ୍ଦେଶ

**ଖୋର୍ଦ୍ଧା ଅଫିସ, ୪।୧୧**

ଆଳୁ ଓ ପିଆଜର ଦର ହୁ ହୁ ହୋଇ ବଢୁଛି। ଖୋର୍ଦ୍ଧା ବଜାରରେ ଆଳୁ କିଲୋ ପିଛା ୪୫ ଟଙ୍କା ଥିବାବେଳେ ବୁଧବାର ପିଆଜ କିଲୋ ପିଛା ୮୦ଟଙ୍କାରେ ବିକ୍ରି ହେଉଥିଲା। ଆଳୁ ଓ ପିଆଜ ଦର ନିୟନ୍ତ୍ରଣ ପାଇଁ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ କୁମାର ବେଉରିଆ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ, ବ୍ୟବସାୟୀ ମହାସଂଘ ସଭାପତି ଶକ୍ତିଶଙ୍କର ମିଶ୍ର, ସମ୍ପାଦକ ସୁଧାକର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଖାଉଟିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଳୁ କେଜି ପ୍ରତି ସର୍ବାଧିକ ୪୦ ଏବଂ ପିଆଜ ୬୦ ଟଙ୍କା ଦର ଧାର୍ଯ୍ୟ କରାଯାଇଛି। ଖୋର୍ଦ୍ଧା ଜିଲାର ସବୁ ଅଞ୍ଚଳରେ ଆଳୁ, ପିଆଜ ନିୟନ୍ତ୍ରିତ ଦରରେ ଉପଲବ୍ଧ କରାଇବାକୁ ଜିଲାପାଳ କହିଥିଲେ।

# ରାସ୍ତା କଡ଼ରେ ଦୀପ, ମହମବତି ବିକ୍ରି ମନା

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ଶୀତଋତୁରେ କୋଭିଡ୍ ସଂକ୍ରମଣ ବଢିବା ନେଇ ଆଶଙ୍କା କରାଯାଉଥିବାରୁ ଭୁବନେଶ୍ୱରବାସୀଙ୍କୁ ସତର୍କ ରହିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ପରାମର୍ଶ ଦେଇଛନ୍ତି। ଦୀପାବଳି ପାଇଁ ବିଏମ୍‌ସି ପକ୍ଷରୁ ନୂଆ ଗାଇଡଲାଇନ୍ କରାଯାଇଛି। ବୁଧବାର ବିଏମ୍‌ସି ମୁଖ୍ୟାଳୟରେ କମିଶନର ଚୌଧାରୀ କହିଛନ୍ତି, ଭୁବନେଶ୍ୱରରେ ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଲଗାଯାଇଛି। ଯଦି କୌଣସି ବ୍ୟବସାୟୀ କିମ୍ବା ବ୍ୟକ୍ତି ଏହାକୁ ଉଲ୍ଲଂଘନ କରନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏପରି କି କେହି ରାସ୍ତା ପାର୍ଶ୍ୱରେ ଦୀପ, ମହମବତି ମଧ୍ୟ ବିକି ପାରିବେ ନାହିଁ। ବିକ୍ରି ଲାଗି ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇଛି। ସେଥିପାଇଁ ଅନୁମତି ନେବାକୁ ପଡ଼ିବ। ଅସ୍ଥାୟୀ ଦୋକାନ ପାଇଁ ସ୍ଥାନ ଚିହ୍ନଟ ହୋଇଛି, ଜୋନାଲ ଡେପୁଟି କମିଶନରଙ୍କ ପାଖରେ ଆବେଦନ କରିବାକୁ ପଡ଼ିବ। ଏ ନେଇ ଯାଞ୍ଚ ଓ ଅନୁଧ୍ୟାନ ପାଇଁ ୫ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ସେହଭଳି ବିବାହ ଋତୁକୁ ଲକ୍ଷ୍ୟ କରି ଭୁବନେଶ୍ୱରର ହୋଟେଲ ଏବଂ ମଣ୍ଡପ ପାଇଁ ଏସ୍‌ଓପି ଜାରି ହୋଇଛି। ବାହାଘରରେ ୨୦୦ ଜଣ ଯୋଗ ଦେଇପାରିବେ। ଥଣ୍ଡା, ଜ୍ୱର ଭଳି କିଛି ଲକ୍ଷଣ ଥିଲେ ବାହାଘରରେ ସାମିଲ୍ ହୋଇପାରିବେ ନାହିଁ। ବିବାହ ମଣ୍ଡପରେ ସାନିଟାଇଜର ରଖିବା ସହ ୨ମିଟର ସାମାଜିକ ଦୂରତା ରକ୍ଷା କରାଯିବ। ଥାନାରୁ ଓ ସ୍ଥାନୀୟ ଅଧିକାରୀ ଦେଇଥିବା ଅନୁମତି ଅନୁସାରେ ବିଏମସି ନଜର ରଖିବ। ବିଏମ୍‌ସି କର୍ମଚାରୀ ଅଚାନକ ଉକ୍ତ ସ୍ଥାନରେ ଯାଞ୍ଚ କରିବାକୁ ପହଞ୍ଚିବେ ବୋଲି ସେ କହିଛନ୍ତି।




ରିପବ୍ଲିକ୍ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ମୁମ୍ବାଇ ପୋଲିସର ଗିରଫ ପ୍ରତିବାଦରେ ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ପୁରୁଣା ଭୁବନେଶ୍ୱର, ୪।୧୧ (ଡି.ଏନ୍.ଏ.):** ଭୁବନେଶ୍ୱର ମହାନଗର ନିଗମର ବୁଧବାର ପୁରୁଣା ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବୁଧବାର ଶିଳାନ୍ୟାସ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ହୋଇଯାଇଛି। ମଲ୍ଲିକ କମ୍ପ୍ଲେକ୍ସର ୨ନଂରୁ ୮ନଂ ଲେନ ମୁଖ୍ୟ ନାଳ ପୁନରୁଦ୍ଧାର ପାଇଁ ପ୍ରାୟ ୧କୋଟି ୯୦ଲକ୍ଷ, କ୍ରିଷ୍ଣା ଗାର୍ଡେନ ଫେଜ-୨ ପାଇଁ ୩୫ଲକ୍ଷ, ସେହିଭଳି ବୈଭବ ଇଷ୍ଟେଟ ରାସ୍ତା ପାଇଁ ୧୫ଲକ୍ଷ, ମୋହନ ନଗର ରାସ୍ତା ପ୍ରଶସ୍ତୀକରଣ ପାଇଁ ୮ଲକ୍ଷ ୫୦ହଜାର ଏବଂ ପଞ୍ଚଶଖା ନଗରର ଅର୍ଚ୍ଚନା ନଗର ରାସ୍ତା ପାଇଁ ୧୩ଲକ୍ଷ ୫୦ହଜାର ଟଙ୍କାର ବ୍ୟୟବରାଦ ପ୍ରକଳ୍ପ ହୋଇଛି। ଏଗୁଡ଼ିକ କାର୍ଯ୍ୟକାରୀ ହେଲେ ବିଏମ୍‌ସିର ୱାର୍ଡ ନଂ-୫୦, ୫୧, ୬୩ ଏବଂ ୬୪ର ଜନସାଧାରଣ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ସୁଜିତ୍ ସ୍ୱାଇଁ, ବିଜୟନୀ ଜେନା, ମୁଜାହିଦ୍ ହୁସେନ, ରୁନୁ ଜେନା, ଅଶ୍ୱିନୀ ସୁନ୍ଦରାୟ ସମେତ ବିଭିନ୍ନ ଅନୁଷ୍ଠାନର ଦୀପକ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ବିପିନ ଗନ୍ତାୟତ, ନିରଞ୍ଜନ ଯୋଗାଣିଆ, କୃଷ୍ଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟ ଜମି ଅଧିଗ୍ରହଣକୁ ବିରୋଧ

**ବାରଙ୍ଗ,୪।୧୧(ଡି.ଏନ୍.ଏ.)**

ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ମୌଜାରେ ଥିବା ୨୫ ଏକର ପରିମିତ ଗୋଚରଜାଗାରେ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟ ପାଇଁ ବୁଧବାର ଭୁବନେଶ୍ୱର ତହସିଲ ପକ୍ଷରୁ ଜମି ଅଧିଗ୍ରହଣ କରିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ସ୍ଥାନୀୟ ବିଧାୟକ ସୁରେଶ ରାଉତରାୟଙ୍କ ସହ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଜେସିବି ମେଶିନ ଆଗରେ ବସିଯାଇଥିଲେ। ଖବରପାଇ ତହସିଲଦାର ପ୍ରଦୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉପରିସ୍ଥ ଅଧିକାରୀଙ୍କ ସହ ବିଧିବଦ୍ଧ ଭାବେ ଆଲୋଚନା ପରେ ଜମି ଅଧିଗ୍ରହଣ କରାଯିବ ବୋଲି ବିଧାୟକଙ୍କୁ ପ୍ରତିଶ୍ରୁତି ଦେବା ପରେ ଉଠିଥିଲେ। ଫଳରେ ଅଧିକାରୀମାନେ ଜମି ଅଧିଗ୍ରହଣ ନ କରି ଫେରିଯାଇଥିଲେ।

ସୂଚନା ଅନୁଯାୟୀ, ଅନ୍ଧାରୁଆ ମୌଜାରେ ମାଳିମଠାରୁ ଦାସପୁର ମଧ୍ୟ ରାସ୍ତାରେ ୬୫ଏକର ଗୋଚରଜମି ରହିଛି। ଏହାମଧ୍ୟରୁ ବାୟୋଟେକ୍ନୋଲୋଜି ପାଇଁ ୪୦ଏକର ଜମି ସରକାର ଅଧିଗ୍ରହଣ କରିଛନ୍ତି। ବଳକା ଥିବା ୨୫ଏକର ପରିମିତ ଗୋଚରଜମିରେ ଏକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଡେଲ ସ୍କୁଲ ପାଇଁ ସରକାର ଯୋଜନା କରିଛନ୍ତି। କିନ୍ତୁ ପୂର୍ବରୁ ଅନ୍ଧାରୁଆ, ଜଗନ୍ନାଥପ୍ରସାଦ,ଦାସପୁର ଆଦି ତିନି ଗ୍ରାମବାସୀଙ୍କ ଆବଶ୍ୟକତା ଥିବାରୁ ଉକ୍ତ ଜାଗାକୁ ଅଧିଗ୍ରହଣ ନ କରିବାକୁ ଗତ ମାସରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ଜଟଣୀ ବିଧାୟକ ଓ ଭୁବନେଶ୍ୱର ଏମ୍‌ପିଙ୍କ ଦୃଷ୍ଟିକୁ ମଧ୍ୟ ଆଣିଥିଲେ। ପଞ୍ଚାୟତର ସର୍ବମୋଟ ବଳକାଥିବା ଏହି ଜାଗାରେ ଏକ ଖେଳପଡ଼ିଆ, ଶ୍ମଶାନ, ଚାଷ, ଗୋରୁମାନଙ୍କର ଚରାଭୂମି ଭାବେ ବ୍ୟବହାର ହେଉଛି ବୋଲି ଗ୍ରାମବାସୀ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ। ହେଲେ ବୁଧବାର ସକାଳେ ତହସିଲ ପକ୍ଷରୁ ପୋଲିସ ଫୋର୍ସ ସହ ଆସି ଜମିଅଧିଗ୍ରହଣ ପାଇଁ ଉଦ୍ୟମ କରାଯାଇଥିଲା। ଖବରପାଇ ୩ ଗ୍ରାମବାସୀ ସ୍ଥାନୀୟ ବିଧାୟକ ରାଉତରାୟଙ୍କ ନେତୃତ୍ୱରେ ଜମି ଅଧିଗ୍ରହଣ ସ୍ଥାନରେ ପହଞ୍ଚି ବିରୋଧ କରିଥିଲେ।

**ଜେସିବି ଆଗରେ ବସିଲେ ବିଧାୟକ**



# ରାଉତପଡ଼ାରୁ ଶ୍ରୀମନ୍ଦିର ଗଲା ପାଟ, ସୂତା ବସ୍ତ୍ର

**ଖୋର୍ଦ୍ଧା ଅଫିସ,୪।୧୧**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ ଅନ୍ୟତମ। ଏଥିରେ ମହାପ୍ରଭୁ ଯୋଦ୍ଧା ବେଶରେ ସଜ୍ଜିତ କରାଯାଇଥାଏ। ନଭେମ୍ବର ୨୭ରେ ଏହି ଦୁର୍ଲଭ ବେଶ ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ଅନ୍ୟପଟେ ମହାପ୍ରଭୁଙ୍କ ନାଗାର୍ଜୁନ ଏବଂ ଓଢ଼ଣି ଷଷ୍ଠୀ ତଥା ବିଭିନ୍ନ ପର୍ବପର୍ବାଣି ଲାଗି ଆବଶ୍ୟକ ପାଟ ଓ ସୂତା ବସ୍ତ୍ର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାର ପରିବାର ପକ୍ଷରୁ ଯୋଗାଇ ଦିଆଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟର ନିର୍ଦ୍ଧାରିତ ମାପ ଏବଂ ଅର୍ଡର ଅନୁଯାୟୀ ପତନି ୧୫୦ମୂର୍ତ୍ତି, ବୋଇରାଣୀ ୧୫୦ ମୂର୍ତ୍ତି(ଖଣ୍ଡ), ମଇଲମ ୮୦ମୂର୍ତ୍ତି, ଗଦିଫୁଟା ୯୬ମୂର୍ତ୍ତି, ସୂତାଫୁଟା ୪୪ମୂର୍ତ୍ତି, ନେତଫୁଟା ୨ ମୂର୍ତ୍ତି ଏବଂ ଧଳା ଓ ଲାଲ କରିଆ ୫ ହଜାର ମୂର୍ତ୍ତି

**ନାଗାର୍ଜୁନ ବେଶ, ଓଢ଼ଣି ଷଷ୍ଠୀ ଲାଗି ହେବ**

ନିଉଛାଲି ଗାମୁଛା ୧୫ ଏବଂ ଓଢ଼ଣି ଷଷ୍ଠୀ ନିମନ୍ତେ ୧୪ହାତି ପାଟ ସ୍ୱତନ୍ତ୍ର ଶ୍ଳୋକ ଥାଇ ପାଟ ଖଣ୍ଡୁଆ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଛି ବୋଲି ରାଉତପଡ଼ା ମଧୁସୂଦନ ୱେଲ୍ଡିଂ ଫ୍ୟାକ୍ଟ୍ରିର ମୁଖ୍ୟ ପରିଚାଳକ ଗୋବିନ୍ଦ ଚନ୍ଦ୍ର ଦାସ କହିଛନ୍ତି।

ନାଗାର୍ଜୁନ ବେଶ, ଓଢ଼ଣି ଷଷ୍ଠୀ ଏବଂ ବିଭିନ୍ନ ପର୍ବପର୍ବାଣି ଲାଗି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ମହାପ୍ରଭୁଙ୍କ ସକାଶେ ପାଟ ଓ ଲୁଗା ଯୋଗାଣ ନେଇ ଅକ୍ଟୋବରରେ ଅନୁମତି ମିଳିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାସହ ମହାପ୍ରଭୁଙ୍କ ରଥଯାତ୍ରା ତଥା ବର୍ଷସାରା ବିଭିନ୍ନ ପର୍ବପର୍ବାଣି ଲାଗି ପାଟ ଓ ସୂତା ବସ୍ତ୍ର ଯୋଗାଇ ଦିଆଯାଉଛି ବୋଲି ଗୋବିନ୍ଦଙ୍କ ପରିବାର କହିଛନ୍ତି।

ରାଉତପଡାର ଗ୍ରାମର ଅଧିକାଂଶ ପରିବାର ବୁଣାକାର ସମ୍ପ୍ରଦାୟ। ବୁଣାକାର ଗୋପୀନାଥ କୁହନ୍ତି ବାପାଙ୍କ ଅମଳ ତଥା ୧୯୯୩ରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ବିଭିନ୍ନ ପର୍ବ ଲାଗି ସୂତା ଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛୁ। ଏପରିକି ୧୯୯୬ ଓ ୨୦୧୫ ନବକଳେବର ସମୟରେ ମଧ୍ୟ ଶ୍ରୀମନ୍ଦିରକୁ ସୂତା ଓ ପାଟବସ୍ତ୍ର ଦିଆଯାଇଥିଲା। ମହାପ୍ରଭୁଙ୍କ ସେବାରେ ମଧୁସୂଦନ ଦାସଙ୍କ ୪ପୁଅ ଗୋବିନ୍ଦ, ରାମଚନ୍ଦ୍ର, ଗୋପୀନାଥ, ଭଗବାନଙ୍କ ସମେତ ଅଶୋକ ଦାସ, କୈଳାସ ଚନ୍ଦ୍ର ଦାସ, ରବୀନ୍ଦ୍ର ଦାସ ଓ କାର୍ତ୍ତିକ ପାତ୍ର ପ୍ରମୁଖ ପରିବାର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି।

